**ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ**

ଖଇରା, (ଉତ୍କଳବନ୍ଧୁ ପଣ୍ଡା): ୩ଦିନ ଧରି ନିଖୋଜ ଥିବା ଖଇରା ଥାନା ମହତିପୁର ପଞ୍ଚାୟତ ଫଗୁଣା ଗ୍ରାମର ଶ୍ରୀକାନ୍ତ ରାଉତ(୫୦)ଙ୍କୁ ସୋମବାର ନାଳ ମଧ୍ୟରୁ ଉଦ୍ଧାର କରାଯାଇଛି। ଶ୍ରୀକାନ୍ତ ଶୁକ୍ରବାର ଘରୁ ବାହାରକୁ ଚାଲିଯାଇଥିବା ବେଳେ ପ୍ରବଳ ବର୍ଷା ଯୋଗୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ସତ୍ତ୍ୱେ ତାଙ୍କର ପତ୍ତା ମିଳି ନ ଥିଲା। ଶେଷରେ ସୋମବାର ସକାଳେ ନିକଟସ୍ଥ ନାଳରୁ ତାଙ୍କ ମୃତଦେହକୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।



## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁ ମୃତ

ଚମ୍ପୁଆ,୮।୮(ମହେଶ୍ୱର ଦାସ)

ଚମ୍ପୁଆ ବ୍ଲକ ଅଧୀନ ହୁପଶି ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ମିଥୁନ ନାଏକଙ୍କ ପୁଅ ଆହ୍ୱାନ(୪)। କାନପୁର ଜଳସେଚନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ହୋଇ ମିଥୁନ ହୁପଶି ଗ୍ରାମର ଦନେଇ ଗଡ଼ିଆ ସାହିଠାରେ ଘର କରି ରହୁଥିଲେ। ସୋମବାର ରାତିରେ ଆହ୍ୱାନ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଚମ୍ପୁଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୩) ରୁଜୁ ହୋଇଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା,୮।୮(ସ୍ମାରକ ମାଜୀ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ବାଲି ପାଇ ପାରୁ ନ ଥିବା ବେଳେ ମୋରଡ଼ା ବ୍ଲକ ଅଧୀନ ଗଡ଼ିଆ ବାଲିଘାଟରୁ ଚୋରା ବାଲି ଚାଲାଣ ହେଉଛି। ଏନେଇ ହିତାଧିକାରୀଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ବାସନ୍ତୀ ଟୁଡୁ ଗୋଟିଏ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ମୋରଡା ତହସିଲଦାର ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଯାଇଥିବା ଜଣାପଡ଼ିଛି। ସରପଞ୍ଚଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବାହାନଗା, ୮।୮(ଅରୂପ କୁମାର ଦାସ)



ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ କୁମାର ପଣ୍ଡାଙ୍କ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ସୋମବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପେର ଗୋପାଳପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଣ୍ଡା ଗତ ଜାନୁୟାରୀ ୩୧ ତାରିଖରେ ଅବସର ନେଇଥିଲେ। ଅବସର ପରେ ସେ ଭଦ୍ରକସ୍ଥିତ ବାରିକ୍‌ପୁରଠାରେ ରହୁଥିଲେ। ତାଙ୍କ ଘର ବାହାନଗା ବ୍ଲକ ପଣ୍ଡାସୁଣି ଗ୍ରାମରେ। ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସେ ୩୫ବର୍ଷ ଧରି ଶିକ୍ଷକତା କରିଥିଲେ।

### ୫ ଫୁଟର ନାଗ ଉଦ୍ଧାର

ମୋରଡ଼ା,୮।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମାଳିହତା ଗ୍ରାମରୁ ୫ଫୁଟର ଏକ ନାଗ ସାପ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ଣରେ ମାଳିହତା ଗ୍ରାମର ଦୀପ୍ତି ରଞ୍ଜନ ମହାନ୍ତିଙ୍କ ଘରେ ଏହି ସାପ ଥିବା ଦେଖି ପରିବାର ଲୋକେ ରାସଗୋବିନ୍ଦପୁର ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ରେଞ୍ଜର ମହାବୀର ସିଂ ମୁର୍ମୁ ବିଭାଗୀୟ କର୍ମଚାରୀ ରାଧା ମହାନ୍ତଙ୍କୁ ପଠାଇ ସାପକୁ ଉଦ୍ଧାର କରିଥିଲେ।

# ଦେବୋତ୍ତର ଜମିରେ ବେଆଇନ ରାସ୍ତା ନିର୍ମାଣ

## ଉପଜିଲାପାଳ କହିଲେ ହେବ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୮।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଦେବୋତ୍ତର ଜମିରେ ନିର୍ମାଣ ହୋଇଥିବା ରାସ୍ତା।

କେନ୍ଦୁଝର ସହର ବଣିଆପାଟ ଖୁଣ୍ଟାପଡ଼ା ମୌଜାରେ ଦେବୋତ୍ତର ଜମିରେ ବେଆଇନ ରାସ୍ତା ନିର୍ମାଣ ନେଇ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଅଞ୍ଚଳରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଜମି ଜବରଦଖଲ କରାଯାଇ ବହୁ ଘର ନିର୍ମାଣ ହୋଇଥିବାବେଳେ ସେ ସବୁ ଉଚ୍ଛେଦ କରିବା ପରିବର୍ତ୍ତେ ପୌରପାଳିକା ପକ୍ଷରୁ ସେମାନଙ୍କୁ ରାସ୍ତାଘାଟ ଓ ବିଦ୍ୟୁତ୍, ପାଣି ଆଦି ସୁବିଧା ଯୋଗାଇ ଦିଆଯାଉଥିବାରୁ ଠାକୁରଙ୍କ ଜମି ଜବରଦଖଲ ବଢୁଛି।

ପ୍ରକାଶ ଯେ, ଉକ୍ତ ସାହିରେ ଏକାଧିକ ରାସ୍ତାଘାଟ ପୂର୍ବରୁ ନିର୍ମାଣ କରି ପୌର ପ୍ରଶାସନ ଅର୍ଥ ଅପବ୍ୟୟ କରିଛି। ଦେବୋତ୍ତର ବିଭାଗ ପକ୍ଷରୁ ଏଭଳି ବେଆଇନ ନିର୍ମାଣ ଉପରେ ପୌର ପ୍ରଶାସନକୁ ଚିଠି କରି ରୋକ୍ ଲଗାଯାଇଥିଲା। ଏହା ସତ୍ତ୍ୱେ ଦେବୋତ୍ତର ଜମିରେ ବେଆଇନ ଭାବରେ ରାସ୍ତା ଓ ଘର ନିର୍ମାଣ ଚାଲିଥିବାରୁ ଅସନ୍ତୋଷ ବଢୁଛି। ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଅଶୋକ ଦାସ ମଧ୍ୟ ଉପ ଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗକୁ ଜଣାଇଥିଲେ। ଏହା ପରେ ଦେବୋତ୍ତର ବିଭାଗ ପକ୍ଷରୁ ରାସ୍ତା କାମକୁ ପୂର୍ବରୁ ବନ୍ଦ କରାଯାଇ ବେଆଇନ କାମକୁ ନେଇ ନୋଟିସ କରାଯାଇଥିଲା। ତେବେ ଦେବୋତ୍ତର ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କିମ୍ବା କେସ କରାଯାଇ ନ ଥିଲା। ଏବେ ପୁଣି ଉକ୍ତ ଅଞ୍ଚଳରେ ବଣିଆପାଟ ଖୁଣ୍ଟାପଡ଼ା ମୌଜାର ଖାତା ନଂ. ୧୩୬/୭ ଓ ପ୍ଲଟନଂ. ୩୯୦ରେ ବଳଦେବଜୀଉଙ୍କ ମୂଲ୍ୟବାନ ଜମିରେ ଦେବୋତ୍ତର ବିଭାଗ ବିନା ଅନୁମତିରେ ବେଆଇନ ଭାବେ ପୌରପାଳିକା ପକ୍ଷରୁ ରାସ୍ତା ନିର୍ମାଣ ଚାଲିଛି। ଏଣୁ ଦୋଷୀ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଦାସ ଉପ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ସଦର ଉପ ଜିଲାପାଳ ତଥା ନିର୍ବାହୀ ଅଧିକାରୀ, ଦେବୋତ୍ତର ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ଠାକୁରଙ୍କ ଜମିରେ ନିର୍ମାଣ ବେଆଇନ। ଏନେଇ ପୌରପାଳିକାକୁ ପୂର୍ବରୁ ଚିଠି କରାଯାଇଥିଲା। ତେବେ ଏହା ସତ୍ତ୍ୱେ କୌଣସି କାର୍ଯ୍ୟ ହେଉଥିଲେ ଘଟଣାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବନ୍ୟାରେ ନଷ୍ଟ ହୋଇଗଲା ପ୍ରଧାନମନ୍ତ୍ରୀ ସଡ଼କ



ନଷ୍ଟ ହୋଇଯାଇଥିବା ରଇପୁର ପଞ୍ଚାୟତର ରାସ୍ତା।

## ୨୦ ଦିନ ତଳେ ସରିଥିଲା ରାସ୍ତାକାମ

ଧୂଷୁରୀ, ୮।୮(କପିଳଦେବ ବିଶ୍ୱାଳ)

ବନ୍ୟାପାଣିରେ ବୁଡ଼ି ରହିଥିବା ଧାମନଗର ବ୍ଲକ ରଇପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡ଼କ ନଷ୍ଟ ହୋଇଯାଇଛି। ତିହିଡ଼ି ବଜାରରୁ ଆସି ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତାଟି ମାତ୍ର ୨୦ଦିନ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାଢ଼େ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ସରିଥିଲା। ନାୟକସାହି ଘୋଷରା ନିକଟରେ ରାସ୍ତା ଉପରେ ବନ୍ୟାଜଳ ସୁଅ ଚାଲିଥିଲା। ଏଥିଯୋଗୁ କଂକ୍ରିଟ ରାସ୍ତା ଭାଙ୍ଗି ଯାଇଥିବା ବେଳେ ପିଚୁ ଉଠିଯାଇ ବିପର୍ଯ୍ୟସ୍ତ ହୋଇଯାଇଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ବେଳେ ଜଳ ନିଷ୍କାସନ ପାଇଁ ଏଠାରେ ଏକ ପୋଲ ତିଆରି କରିବାକୁ ସ୍ଥାନୀୟ ରଇପୁର, କଣ୍ଟିଗାଁ, କାଠମୁଣ୍ଡା, ମଉଜପୁର ଆଦି ଗ୍ରାମବାସୀ ଦାବି କରିଥିଲେ। କିନ୍ତୁ ସେମାନଙ୍କ ଦାବିକୁ ଅଣଦେଖା କରାଯାଇଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏଠାରେ ଏକ ପୋଲ ନିର୍ମାଣ ପାଇଁ ସେମାନେ ପୁନର୍ବାର ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ରଞ୍ଜନ କୁମାର ନାୟକ କହିଛନ୍ତି, ଉକ୍ତ ଘୋଷରାଠାରେ ମରାମତି କରାଯିବ। ତେବେ ସେଠାରେ ଏକ ପୋଲ ନିର୍ମାଣ ନେଇ ପଦକ୍ଷେପ ନିଆଯିବ ଏବଂ ଆସନ୍ତା ବର୍ଷା ସୁଦ୍ଧା ଏହି ସମସ୍ୟାର ସମାଧାନ ହୋଇଯିବ।

# ‘ରସାଳପୁରକୁ ବ୍ଲକ ମାନ୍ୟତା ମିଳୁ’




‘ଉପକୂଳ ସୁରକ୍ଷା ମଞ୍ଚ’ର ସଦସ୍ୟଗଣ।

## କ୍ରାନ୍ତି ଦିବସରେ ନୂତନ ବ୍ଲକ ପ୍ରତିଷ୍ଠା ଅଭିଯାନ

ବାଲେଶ୍ୱର, ୮।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସଦର, ରେମୁଣା ଓ ବାହାନଗା ବ୍ଲକର ଉପାନ୍ତ ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଦୀର୍ଘଦିନ ଧରି ଜଳ ନିଷ୍କାସନ, ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ସାଙ୍ଗକୁ ଗମନାଗମନ, ପୋଲିସ ସେବା ଆଦି କ୍ଷେତ୍ରରେ ଅବହେଳିତ ହୋଇଆସୁଛି। ଏଠାକାର ଲୋକଙ୍କୁ ବ୍ଲକ ଓ ତହସିଲ ଯିବା ପାଇଁ ପ୍ରାୟ ୨୦ରୁ ୨୫ କି.ମି. ପର୍ଯ୍ୟନ୍ତ ଆସିବାକୁ ପଡୁଛି। ଉକ୍ତ ଅଞ୍ଚଳର ୧୫ଟି ପଞ୍ଚାୟତର ଲୋକମାନେ କେନ୍ଦ୍ରସ୍ଥଳ ଭାବେ ରସାଳପୁରରେ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ‘ଉପକୂଳ ସୁରକ୍ଷା ମଞ୍ଚ’ ଗଠନ କରି ଦଳଗତ ନିର୍ବିଶେଷରେ ଏକାଠି ହୋଇଛନ୍ତି।

‘ଉପକୂଳ ସୁରକ୍ଷା ମଞ୍ଚ’ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସତ୍ୟନାରାୟଣ ମହାପାତ୍ର ଅଧ୍ୟକ୍ଷତା କରିବା ସହିତ ଅବହେଳିତ ୩ ବ୍ଲକର ଉପାନ୍ତ ଅଞ୍ଚଳବାସୀଙ୍କ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। କବି ଶ୍ରୀଦେବ ସଂଯୋଜନା କରିଥିଲେ। ଯୁବ ସଙ୍ଗଠକ ବଂଶୀଧର ଦଳେଇ, ଅନିରୁଦ୍ଧ ଦାସ, ଶିବାଜୀ, ଗଣେଶ୍ୱର ରାଉତ, ସର୍ବେଶ୍ୱର ଦାସ, ବିସ୍ମୟ ଦାସ ପ୍ରମୁଖ ଯୋଗଦେଇ ଉପକୂଳ ସୁରକ୍ଷା ମଞ୍ଚ ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିରଞ୍ଚି ନାରାୟଣ ପଣ୍ଡା, ଅଜୟ ନାୟକ, ରାମନାରାୟଣ ଶତପଥୀ, ପ୍ରଶାନ୍ତ କୁମାର ମଲିକ, ଲୋକନାଥ ଶତପଥୀ, ଗୁରୁପ୍ରସାଦ ପାଣିଗ୍ରାହୀ, ଯୁଗଳ ମହଲ, ରମାକାନ୍ତ ମଲିକ, ମଲିକ ରିଜୱାନ, ଶଶିକାନ୍ତ ପ୍ରଧାନ, ତୋଫାନ ଖିଲାର, ଚିତ୍ତରଞ୍ଜନ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ପ୍ରତିନିଧି ଯୋଗଦେଇ ୩ ବ୍ଲକର ଉପାନ୍ତ ପଞ୍ଚାୟତବାସୀଙ୍କ ସମସ୍ୟା ଓ ଏହାର ସ୍ଥାୟୀ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ଆସନ୍ତା ୯ ତାରିଖ କ୍ରାନ୍ତି ଦିବସରେ ମଞ୍ଚର ଏକ ଲୋଗୋ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠରେ ଉନ୍ମୋଚନ ସହ ନୂତନ ବ୍ଲକ ପ୍ରତିଷ୍ଠା ଅଭିଯାନର ଶୁଭାରମ୍ଭ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ ରସାଳପୁର ଅଞ୍ଚଳର ଉଦୀୟମାନ ଯୁବକ ଆଲୋକ ଜୀ ଧନ୍ୟବାଦ ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

## ପିଇଓ, ଜିଆର୍‌ଏସ୍‌ଙ୍କୁ କାରଣ ଦର୍ଶାଅ ନୋଟିସ

ବାସୁଦେବପୁର, ୮।୮
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ପଞ୍ଚାୟତରେ ବିଲବଙ୍ଗଳା ପୋଖରୀ ଖନନ ଓ ପକ୍କାଡ୍ରେନ ନିର୍ମାଣରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ତଦନ୍ତ ପାଇଁ ବିଡିଓଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଡିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୩୮୦୨ ବଳରେ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ (ପିଇଓ) ଅଧିକାରୀ ଶିବପ୍ରସାଦ ପଣ୍ଡା ଓ ଜିଆର୍‌ଏସ୍ ସୁଶାନ୍ତ କୁମାର କରଙ୍କୁ ୩ଦିନ ମଧ୍ୟରେ କୈଫିୟତ ଦେବାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରକାଶଯୋଗ୍ୟ, ସୁଦର୍ଶନପୁର ପଞ୍ଚାୟତରେ ହୋଇଥିବା ଏହି ଆର୍ଥିକ ଅନିୟମିତତାରେ କର୍ମଚାରୀଙ୍କ ସମେତ ଅନ୍ୟ କେତେଜଣ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଅନିୟମିତତାକୁ ବିରୋଧ କରି ସେମାନେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିଥିଲେ।

# ‘ସ୍ୱାଧୀନତା ସଂଗ୍ରାମୀଙ୍କୁ ଲୋକଲୋଚନକୁ ଆଣ’

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କ୍ରାନ୍ତିତୀର୍ଥ କାର୍ଯ୍ୟକ୍ରମ

ବାରିପଦା,୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଜାଦି କା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ଭାରତୀୟ ସାମାଜିକ ଏବଂ ସାଂସ୍କୃତିକ ଅଧ୍ୟୟନ ପ୍ରତିଷ୍ଠାନ ପକ୍ଷରୁ କ୍ରାନ୍ତିତୀର୍ଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ମୟୂରଭଞ୍ଜରେ ଲୁକ୍କାୟିତ ଥିବା ସ୍ୱାଧୀନତା ସଂଗ୍ରାମୀ କଙ୍କା ମାଝୀ, କାଳିଆ ମହାନ୍ତ, ଶରତ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ଦାଶ ଓ ରଘୁଆଁର ଉମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଭଳି ଅନେକ ମହାନୁଭବ ସ୍ୱାଧୀନତା ପାଇଁ କାର୍ଯ୍ୟ କରିଥିଲେ ସୁଦ୍ଧା ଅଦ୍ୟାବଧି ଅନାଲୋଚିତ ହୋଇ ରହିଯାଇଛନ୍ତି। ସେତେବେଳର ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ରାଜ୍ୟ ରହିଥିବା ବେଳେ ସ୍ୱାଧୀନତା ଆନ୍ଦୋଳନରେ ସେପରି କେହି ଯୋଗଦେଇ ନ ଥିବା କଥା ଇତିହାସରୁ ଜଣାପଡ଼େ। ସଦର ଉପଖଣ୍ଡ ସହ କପ୍ତିପଦା ଓ ପଞ୍ଚପିଢ ଉପଖଣ୍ଡରେ ପ୍ରଜା ଆନ୍ଦୋଳନ କଥା ସାମ୍ନାକୁ ଆସିଥିଲେ ସୁଦ୍ଧା ଅନେକ ଅଜଣା ନାୟକଙ୍କ କଥା ଏବେ ସୁଦ୍ଧା ଅନାଲୋଚିତ ହୋଇ ରହିଛି। ଜିଲାର ୨୬ଟି ବ୍ଲକରେ ରହିଥିବା ଏହି ଅନାଲୋଚିତ ନାୟକଙ୍କୁ ଖୋଜି ବାହାର କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରୟାସ ଆରମ୍ଭ କରାଯିବ ଏବଂ ଏମାନଙ୍କ ବିଷୟରେ ଏକ ପୁସ୍ତକ ମାଧ୍ୟମରେ ଆଗାମୀ ଅଗଷ୍ଟ ୨୦୨୪ ମଧ୍ୟରେ ଲୋକଲୋଚନକୁ ଅଣାଯିବ ବୋଲି କୁଳପତି ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ଡ. ଶ୍ୟାମ ସୁନ୍ଦର ଦାସ, ଲେଖକ ଏବଂ ଗବେଷକ ଡ. ରମାକାନ୍ତ ସିଂ, ଡ. ବସନ୍ତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଇରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ସଂଯୋଜକ କ୍ଷୀରୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆବାସ ଯୋଜନାରେ ଚଞ୍ଚକତା | ଦୁଇଟି ଘର ହାତେଇଲେ ଦମ୍ପତି

## ତଦନ୍ତ ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ

ନୀଳଗିରି, ୮।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଦୁଇଟି ଆବାସକୁ ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀ ହାତେଇବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ନୀଳଗିରି ବ୍ଲକର ବରହମପୁର ପଞ୍ଚାୟତ ବରହମପୁର ଗ୍ରାମର ପ୍ରଦୀପ ବେହେରା ନିଜ ଆଧାର କାର୍ଡ ଦେଇ ନିଜ ନାମରେ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ପାଇଁ କାର୍ଯ୍ୟାଦେଶ ପାଇ ୧ଲକ୍ଷ ୨୦ହଜାର ଟଙ୍କା ସହ ଏମ୍‌ଜିଏନ୍‌ଆରଇଜିଏସ୍ ଓ ବୋନସ ଟଙ୍କା ଉଠାଣ କରି ଘର ସମ୍ପୂର୍ଣ୍ଣ କରି ସମସ୍ତ ବିଲ୍ ଉଠାଇ ସାରିଛନ୍ତି। ପୁଣି ଉକ୍ତ ପଞ୍ଚାୟତ ଭୋଗଦିଆ ଅଞ୍ଚଳରେ ଚଞ୍ଚକତା କରି ସ୍ତ୍ରୀ ଅଞ୍ଜଳିଙ୍କ ଆଧାର କାର୍ଡ ଦେଇ ୨୦୨୧-୨୨ ଆର୍ଥିକ ବର୍ଷରେ ପିଏମ୍ ଆବାସ ଯୋଜନାରେ ଅନ୍ୟ ଏକ ଘର ନେବାରେ ସକ୍ଷମ ହୋଇଛନ୍ତି। ସ୍ତ୍ରୀଙ୍କ ଆଧାର କାର୍ଡରେ ବାପାଙ୍କ ନାମ ବସନ୍ତ ବେହେରା ଉଲ୍ଲେଖ ଥିବାରୁ ଆବାସ ଯୋଜନାରେ ଅନ୍ୟ ଏକ ଘର ନେବାରେ ସକ୍ଷମ ହୋଇଛନ୍ତି ପ୍ରଦୀପ। ତେବେ ଗୋଟିଏ ପରିବାରର ସ୍ୱାମୀ ଓ ସ୍ତ୍ରୀ ଦୁଇ ଦୁଇଟି ଘର ହାତେଇଥିବା ନୀଳଗିରି ବିଡିଓଙ୍କଠାରେ ଅଭିଯୋଗ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ଲାଗି ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ବାଲେଶ୍ୱର ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିଛନ୍ତି। ଦୁଇ ଦିନ ଭିତରେ ରିପୋର୍ଟ ପାଇଁ ଜିଲାପାଳ ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଐତିହାସିକ କୁମ୍ଭ ମେଳଣକୁ ସୁଗମ ହେବ ରାସ୍ତା

ତିହିଡ଼ି,୮।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରୋ ଗ୍ରାମର ଐତିହାସିକ କୁମ୍ଭ ମେଳଣକୁ ରାସ୍ତା ସୁଗମ ପାଇଁ ବିଲଣା ପଞ୍ଚାୟତର ଡାକ୍ତରଖାନା ଛକଠାରୁ ଆଖୁମାହାରା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାସ୍ତାରେ ବ୍ୟକ୍ତିଗତ ଜମି ରହିଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଥିଲା। ଚାନ୍ଦବାଲିର ପୂର୍ବତନ ବିଧାୟକ ବିଜୟ ନାୟକ, ତାଙ୍କ ଭାଇ ଅଜୟ କୁମାର ନାୟକ, ଭଉଣୀ ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କ ସମେତ ଅନ୍ୟ ଭାଇ ଶ୍ରୀକାନ୍ତ ନାୟକ, ଲକ୍ଷ୍ମୀକାନ୍ତ ନାୟକ, ଅକ୍ଷୟ କୁମାର ନାୟକ, ମୁକ୍ତିକାନ୍ତ ନାୟକଙ୍କ ବ୍ୟକ୍ତିଗତ ଜମି ପଡୁଥିବାରୁ ରାସ୍ତା ନିର୍ମାଣ ନେଇ ସମସ୍ୟା ଉପୁଜିଥିଲା। ସେମାନେ ତିହିଡ଼ି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସେମାନଙ୍କ ନାଁରେ ଥିବା ୭୨ ଡିସିମିଲ ଜମିକୁ ସରକାରଙ୍କ ନାଁରେ ରେଜେଷ୍ଟ୍ରି କରିଦେଇଛନ୍ତି। ମଙ୍ଗଳବାର ସମସ୍ୟାର ସମାଧାନ ହେବା ପରେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଜଣାଯାଇଛି।

ପ୍ରକାଶଥାଉ କି, ବାରୋରେ ପ୍ରତିବର୍ଷ ଦୋଳପୂର୍ଣ୍ଣିମା ଦିନ ଐତିହାସିକ କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ। ବିଲଣା, କେରଡିକ, ନୂଆପାଟଣା ସମେତ ବିଭିନ୍ନ ଗ୍ରାମର ସହସ୍ରାଧିକ ଗୋପାଳମାନେ ଶୋଭାଯାତ୍ରାରେ ଏହି ମେଳାରେ ଯୋଗ ଦେଇଥାନ୍ତି। ବିଲଣା ରାସ୍ତା ଅବସ୍ଥା ଖରାପ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ।

# ଅନୁଦାନ ରାଶିକୁ ନେଇ ଉଦ୍‌ବେଗ

## ଟୁଇଟ୍ ଯୋଗେ ଅଭିଯୋଗ କଲା ଭଞ୍ଜସେନା

ବାରିପଦା,୮।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଐତିହ୍ୟ ବହନ କରୁଥିବା ମା’ କୀଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅନୁଦାନ ରାଶିକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ ଜିଲାର ଦେବାଦେବୀ ମନ୍ଦିର ଓ ପୀଠ ତୁଳନାରେ ଆଶାତୀତ କମ ଅନୁଦାନ ପ୍ରଦାନ କରାଯାଇଥିବା ନେଇ ଭଞ୍ଜସେନା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ପୁର୍ନବିଚାର କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ ଯୋଗେ ଅବଗତ କରିଛନ୍ତି। ଆବଶ୍ୟକ ଅନୁଯାୟୀ ପଦକ୍ଷେପ ଗ୍ରହଣ ନ କଲେ ଜିଲା ବନ୍ଦ ଡାକରା ଦିଆଯିବ ବୋଲି ସଙ୍ଗଠନର ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ କୀଚକେଶ୍ୱରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାର୍ଚ୍ଚ ମାସରେ ଜିଲା ଗସ୍ତ କରି ପରିଦର୍ଶନ କରିଥିଲେ । ଏହାକୁ ନେଇ ମନ୍ଦିରର ରୂପାନ୍ତରୀକରଣ ନିମନ୍ତେ ୮.୯୯କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯିବା ପରେ କାର୍ଯ୍ୟାରମ୍ଭ ନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଅନ୍ୟ ଜିଲା ତୁଳନାରେ ମୟୂରଭଞ୍ଜ ଭଳି ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପନ୍ନ ଜିଲା ପ୍ରତି ବୈମାତୃକ ମନୋଭାବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ମନ୍ଦିରଗୁଡ଼ିକୁ ଶହ ଶହ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଉଥିବା ବେଳେ ସ୍ୱଳ୍ପ ଅନୁଦାନରେ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ହେବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ସୁବିଚାର ପୂର୍ବକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜେନା ପ୍ରକାଶ କରିଛନ୍ତି।



କୀଚକେଶ୍ୱରୀ ମନ୍ଦିର।

# ‘ଏସ୍କେପ ଉଚ୍ଚତା ବୃଦ୍ଧି, ନଦୀବନ୍ଧ ସୁଦୃଢ଼ୀକରଣ କରାଯାଉ’

ଧାମନଗର, ୮।୮(ଦେବେନ୍ଦ୍ର ଆଦିଆ)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

ଚଳିତବର୍ଷ ବୈତରଣୀ ଓ ଶାଖା ନଦୀରେ ବନ୍ୟା ଯୋଗୁ ଧାମନଗରରେ ବହୁ କ୍ଷୟକ୍ଷତି ଘଟିଛି। କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଅପରାହ୍ଣରେ ଧାମନଗର ବନ୍ୟାଞ୍ଚଳ ପରିଦର୍ଶନ କରିଛି। ଧାମନଗର ଜଳସେଚନ ଡାକବଙ୍ଗଳାଠାରେ ଆହୂତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଓ ଧାମନଗର ନିର୍ବାଚନମଣ୍ଡଳୀ ନେତା ବିଦ୍ୟାଧର ଜେନା ଶାସକ ଦଳ ଓ ଜଳସେଚନ ବିଭାଗ ଉପରେ ବର୍ଷିଥିଲେ। ସେମାନେ କହିଥିଲେ, ବୈତରଣୀ ଓ ଗେଙ୍ଗୁଟି ନଦୀରେ ଥିବା ୫ଟି ଏସ୍‌କେପ୍‌କୁ ଶାସକ ଦଳର ନେତା ଓ ଜଳସେଚନ ବିଭାଗ ଟେକ୍‌ନିକାଲ ଆଡ୍‌ଭାଇଜର କମିଟିକୁ ଆଣି କାହିଁକି ବୁଝୁନାହାନ୍ତି। ବୈତରଣୀ ଅପରପାର୍ଶ୍ୱ କ୍ୟାପିଟାଲ ବନ୍ଧକୁ ଆହୁରି ଶକ୍ତିଶାଳୀ କରିବା ସହ ଯାଜପୁର ସହରକୁ ସରସ ସୁନ୍ଦର କରିବା ପାଇଁ ନଦୀ ଭିତରକୁ ପୋତା ଚାଲିଛି। ହେଲେ ଭଦ୍ରକ ପାର୍ଶ୍ୱ ନଦୀବନ୍ଧକୁ ଦୁର୍ବଳ କରାଯାଉଛି। ଭଦ୍ରକ ୫ଜଣ ବିଧାୟକ ଅଛନ୍ତି। ହେଲେ କ’ଣ ପାଇଁ ଏସ୍‌କେପ୍ ସମସ୍ୟା ସମାଧାନ ହେଉନାହିଁ। ଏସକେପଗୁଡ଼ିକର ଉଚ୍ଚତା ବୃଦ୍ଧି କଲେ ଅଳ୍ପ ବର୍ଷାରେ ହେଉଥିବା ବନ୍ୟାକୁ ରୋକା ଯାଇପାରନ୍ତା। ସରକାର ଯଦି ସଚେତନ ଅଛନ୍ତି ବା ବନ୍ୟା ନିୟନ୍ତ୍ରଣ ପାଇଁ ଆନ୍ତରିକତା ଅଛି, ବିଧାନସଭାରେ ଉଠାଯାଇ ନଦୀ ଖନନ ସହ ଏସ୍‌କେପଗୁଡ଼ିକୁ ବନ୍ଦ କରାଯାଉ। ବିଭିନ୍ନ ପ୍ରଧାନମନ୍ତ୍ରୀ ସଡ଼କରେ ବସା ଯାଇଥିବା ସୋଠଗୁଡ଼ିକୁ ଉଠାଯାଇ ପୋଲ, ଏସ୍‌କେପଗୁଡ଼ିକର ଉଚ୍ଚତା ବୃଦ୍ଧି, ନଦୀବନ୍ଧ ସୁଦୃଢ଼ୀକରଣ, ବୈତରଣୀ ଏସ୍‌କେପ ନିକଟରେ ଗେଟ୍ କରି ଲିମିଟରେ ପାଣି ଛାଡ଼ଯିବା, ନଦୀକୁ ଖନନ କରାଗଲେ ଅଳ୍ପ ପାଣିରେ ଲୋକ ଆଉ ହଇରାଣ ହେବେନାହିଁ ବୋଲି କଂଗ୍ରେସନେତାମାନେ ଦାବି କରିଛନ୍ତି।

ଗେଙ୍ଗୁଟି, ରେବ, କପାଳୀ ନଦୀ ଖନନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନଦୀର ଶଯ୍ୟା ଖୋଳା ନ ଯାଇ ଘାସ ସଫା କରି କୋଟି କୋଟି ଟଙ୍କା ଆତ୍ମସାତ କରାଯାଇଛି। ଯେଉଁଥିପାଇଁ ରେବ, କପାଳୀ, ଗେଙ୍ଗୁଟି ଓ ଯ’ନଦୀର ତଳ ଅଞ୍ଚଳଗୁଡ଼ିକରୁ ପାଣି ନିଷ୍କାସନ ହୋଇ ନ ପାରି ଚାଷୀଙ୍କୁ ଦୁର୍ଦ୍ଦଶାରେ ପକାଉଛି। ଏସ୍‌କେପଗୁଡ଼ିକୁ ବନ୍ଦ କରି ଧାମନଗରବାସୀଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାତ୍ରୀ, ରମେଶ ଚନ୍ଦ୍ର ବେହେରା, ପ୍ରଭାତ ପଣ୍ଡା, ଦେବାଶିଷ ସାମଲ, ଆଲୋକ ସ୍ୱାଇଁ, ସଞ୍ଜୟ ମିଶ୍ର, ପ୍ରମୋଦ ସ୍ୱାଇଁ, ମାନସ ରଞ୍ଜନ ସାହୁ, ଶ୍ରୀକାନ୍ତ ପଣ୍ଡା, ରାଜେଶ ବିଶ୍ୱାଳ ପ୍ରମୁଖ କଂଗ୍ରେସ ନେତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଚୋରା କାଠ ବୋଝେଇ ଗାଡ଼ି ଜବତ

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ବେତନଟୀ ମେର୍ଦ୍ଦ ରାସ୍ତାର ସଂସା ଗ୍ରାମରେ ପୋଲିସ ଚଢ଼ାଉକରି ବାଲେଶ୍ୱର ଚାଲାଣ ହେଉଥିବା ଦୁଇ ଚୋରା ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। କାଠ ଚୋରା ବେପାରୀମାନେ ଘଟଣାସ୍ଥଳରୁ ପଳାଇ ଯାଇଥିବା ବେଳେ ଗାଡ଼ିରେ ଥିବା ବାଲେଶ୍ୱର ଜିଲା ମଧୁପୁରା ଗ୍ରାମର ସୁଜୟ ଜେନାଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ପାଟଣା, ୮।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ପରିସରରେ ମଙ୍ଗଳବାର ବିଧାୟକ ଜଗନ୍ନାଥ ନାଏକ ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ୨୦ ଲକ୍ଷ ଟଙ୍କା ବିନିଯୋଗରେ ଶିବମନ୍ଦିର, ହନୁମାନ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ହେବ। ବଡ଼ପାଟଣା ସରପଞ୍ଚ ବିନତି ବାନରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ବିଡିଓ ଶିବଶଙ୍କର ମୁର୍ମୁ, ଯନ୍ତ୍ରୀ ଲାଖାଇ ମୁର୍ମୁ, ମନ୍ଦିର ପରିଚାଳନା କମିଟିର ଅଜୟ କୁମାର ଦାଶ, ଅରୁଣ କୁମାର ମିଶ୍ର, ଯୁଗଳ କିଶୋର ଦାଶ, ବଇଧର ସାହୁ, ସନାତନ ଦାଶ, ନାରାୟଣ ବାରିକ, ଅଜୟ କୁମାର ବେହେରା, ବିଜେଡି ଜିଲା ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ସାହାରପଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜନ ସାହୁ, ବିଜେଡି ନେତା ବଳରାମ ବାରିକ, ଦିଲୀପ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ନବକିଶୋର ଦାଶ ଓ ପର୍ଶୁରାମ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

### ଜାହିରା ପୀଠର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ମୋରଡ଼ା,୮।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତର ଅସ୍ତିଆଠାରେ ଆଦିବାସୀଙ୍କ ପୂଜାସ୍ଥଳୀ ଜାହିରା ପୀଠର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ରାଜକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଦିବାସୀ ମାନେ ପାରମ୍ପରିକ ବାଦ୍ୟ ବଜାଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ଜିଲାପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି ଏବଂ ପୂର୍ବତନ ସରପଞ୍ଚ ରାମାୟ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ମିଳିଲା ନିଖୋଜ ୨ କାଉଡ଼ିଆଙ୍କ ମୃତଦେହ

ଖଇରା, ୮।୮(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ସାନଜୟୀପୁରସ୍ଥିତ ସର୍ବେଶ୍ୱର ଶୈବ ପୀଠକୁ ଜଳ ଲାଗି କରିବାକୁ ସାଳନ୍ଦୀକୁ ପାଣି ଆଣିବାକୁ ଯାଇ ନିଖୋଜ ଥିବା ୨ କାଉଡିଆଙ୍କ ମୃତଦେହକୁ ମଙ୍ଗଳବାର ସକାଳେ ଜବତ କରାଯାଇଛି । ନିଖୋଜର ୨୨ଘଣ୍ଟା ପରେ ସାନଜୟୀପୁର ଗ୍ରାମର ରାଜେନ୍ଦ୍ର ସାହୁ(୧୯) ଓ ସୁବ୍ରତ ମହାକୁଡ(୨୨)ଙ୍କ ମୃତଦେହ ଓଡ୍ରାଫ ଟିମ୍ ସଫଳ ହୋଇଛନ୍ତି। ବିସ୍ମୟର କଥା ସେମାନେ ଯେଉଁ ସ୍ଥାନରେ ବୁଡିଯାଇଥିଲେ, ମଙ୍ଗଳବାର ସକାଳେ ମୃତଦେହ ସେହି ସ୍ଥାନରେ ଭାସିବା ପରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଯୁବନେତା ହିମାଂଶୁ ଶେଖର ବେହେରା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ଦାବି କରିଛନ୍ତି।

# ପଶ୍ଚିମବଙ୍ଗକୁ ପିଡିଏସ୍ ଚାଉଳ ଚାଲାଣ

■ ଟ୍ରକ୍ ସହ ୧୭.୮ ଟନ ଜବତ
■ ଡ୍ରାଇଭର କୋର୍ଟଚାଲାଣ, ମାଲିକ ଫେରାର



ରୂପସା (ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢ଼ୀ), ୮।୮

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ୬୦ ନମ୍ବର ଜାତୀୟ ରାଜପଥର ଥାନା ନିକଟରେ ପୋଲିସ ଚଢାଉ କରି ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ଏକ ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ସହ ସେଥିରେ ଥିବା ୧୭.୮ ଟନ୍ ଅର୍ଥାତ୍ ୧୭୮ କୁଇଣ୍ଟାଲ ପିଡିଏସ୍ ଚାଉଳ ଜବତ କରାଯାଇଛି। ଟ୍ରକ ଡ୍ରାଇଭର ଭଦ୍ରକ ଜିଲା ଧାମରା ଅଞ୍ଚଳର କିଶୋର ଗିରିଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୭୯/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଟ୍ରକ୍ ମାଲିକ ଫେରାର ହୋଇଯାଇଥିବା ପୋଲିସ କହିଛି।

ସୋମବାର ସନ୍ଧ୍ୟାରେ ଟ୍ରକ୍ (ନଂ. ଓଆର୍‌୦୧କେ-୩୭୩୫)ରେ ପଶ୍ଚିମବଙ୍ଗକୁ ଉକ୍ତ ପିଡ଼ିଏସ୍ ଚାଉଳ ଚୋରାଚାଲାଣ ହେଉଥିଲା। ଘଟଣା ସମ୍ପର୍କରେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ସୂଚନା ପାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରୂପସା ଥାନା ପୋଲିସ ରାଜପଥ ନିକଟରେ ଜଗି ରହିଥିଲେ। ଏହି ପିଡିଏସ୍ ଚାଉଳ ବାଲେଶ୍ୱରର ରେମୁଣା ରାଇସ ରିସିଭିଂ ସେଣ୍ଟରରୁ ଲୋଡ଼ିଂ ହୋଇ ଖନ୍ତାପଡ଼ା ଥାନା କୁଳିଗାଁ ପଞ୍ଚାୟତରେ ଥିବା ରିଟେଲରଙ୍କ ନିକଟକୁ ଯିବାର ଥିଲା। ମାତ୍ର ଟ୍ରକ୍ ମାଲିକ ଓ ଡ୍ରାଇଭରଙ୍କ ସଲାସୁତୁରାରେ ଉକ୍ତ ଚାଉଳ ଟ୍ରକ ସେଠାକୁ ଯିବା ପରିବର୍ତ୍ତେ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରାଯାଉଥିଲା। ଖବର ପାଇ ରୂପସା ଆଇଆଇସି ପ୍ରଫୁଲ୍ଲ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ରାଜପଥରେ ଚଢ଼ାଉ କରି ଉକ୍ତ ଟ୍ରକ ସମେତ ପିଡ଼ିଏସ ଚାଉଳକୁ ଜବତ କରିବାରେ ସମର୍ଥ ହୋଇଥିଲେ। ଟ୍ରକ୍ ମାଲିକ ରାଜେଶ ଚାନ୍ଦଙ୍କ ଘର ବସ୍ତା ଥାନା ପୁନସିଡା ଗ୍ରାମରେ ବୋଲି ପୋଲିସ କହିଛି। ଏହି ଚାଉଳ ଚାଲାଣ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମଲ୍ଲିକ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲା ଉଜ୍ୱଳା ଦିଦି ସଂଘ




ବିକ୍ଷୋଭ ଶୋଭାଯାତ୍ରାରେ ସଂଘ କର୍ମକର୍ତ୍ତା।

କେନ୍ଦୁଝର, ୮।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ୱଳା ଦିଦି ସଂଘର କେନ୍ଦୁଝର ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତବର୍ଷରେ ଭାରତ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଗରିବ ଲୋକଙ୍କ ଘରେ ଉଜ୍ୱଳା ଗ୍ୟାସ୍ ଯୋଗାଇବାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ମଧ ଏହି କାର୍ଯ୍ୟକୁ ସାକାର କରିବା ପାଇଁ ଉଜ୍ୱଳା ଦିଦିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟରେ କାର୍ଯ୍ୟରତ ଉଜ୍ୱଳା ଦିଦିମାନଙ୍କର କିଛି ଦାବି ନେଇ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କୁ କାର୍ଯ୍ୟ ଦେବା ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବା, ସାମାଜିକ ସୁରକ୍ଷା, କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇବା ସହ ପାରିଶ୍ରମିକ ଯୋଗାଇ ଦିଆଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, ଜିଲା ସମ୍ପାଦକ ବାବୁଲାଲ ମହାନ୍ତ, ସଭାପତି ନିହାର ରଞ୍ଜନ ମିଶ୍ର, ଚନ୍ଦନ ବୋଇପାୟୀ, ଅର୍ଜୁନ ବେହେରା, ଦୀପିକା ମହାରଣା, ବିଶ୍ୱରଞ୍ଜନ ବେହେରା ଓ ମହିଳା ପ୍ରମୁଖ ଗାୟତ୍ରୀ ଜେନା ଉଜ୍ୱଳା ଦିଦିମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ହିମାଙ୍ଗିନୀ ମହାନ୍ତ, ସସ୍ମିତା ବଳ, ପ୍ରେମଲତା ନାୟକ, ସୁମିତ୍ରା ପ୍ରଧାନ, ମମତା ପ୍ରଧାନ, ମଞ୍ଜୁଲତା ମହାନ୍ତ, ସବିତା ମହାନ୍ତ, ମୀନା ସାହୁ, ବିଷ୍ଣୁପ୍ରିୟା ନାୟକ, ଶ୍ରୀମତୀ ପଲେଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୧୧ରେ ମୟୂରଭଞ୍ଜ ଆସିବେ ୫-ଟି ସଚିବ

ବାରିପଦା,୮।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସରକାରଙ୍କ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆସନ୍ତା ୧୧ ଓ ୧୨ତାରିଖରେ ଦୁଇ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ୧୧ତାରିଖ ପୂର୍ବାହ୍ନ ୧୦ଟାରେ ହେଲିକପ୍ଟର ଯୋଗେ କରଞ୍ଜିଆ ଅଟୋନମସ କଲେଜ ପଡ଼ିଆରେ ଅବତରଣ କରିବା ପରେ ୧ଘଣ୍ଟା ଧରି ଜନଅଭିଯୋଗ ଶୁଣାଣି କରିବେ। ସେଠାରୁ ବାହାରି ୧୧ଟା୧୫ରେ ଯଶିପୁରସ୍ଥିତ ମାହାର୍ଦ୍ଦାପାଳଶା ମିନି ଷ୍ଟାଡିୟମ ଓ ୧୨ଟା୧୫ରେ ରାଇରଙ୍ଗପୁରସ୍ଥିତ ମହୁଲଡିହା ପଡ଼ିଆରେ ଓହ୍ଲାଇ ଜନଅଭିଯୋଗ ଶୁଣାଣି କରି ପିଡଝୁଡି ଗେଷ୍ଟ ହାଉସରେ ଭୋଜନ କରିବାର କାର୍ଯ୍ୟକ୍ରମ ରହିଛି। ୩ଟା୫ରେ ବାହାରି ହେଲିକପ୍ଟର ଯୋଗେ ବିଶୋଇ ମିନି ଷ୍ଟାଡିୟମରେ ପହଞ୍ଚି ଜନଅଭିଯୋଗ ଶୁଣାଣି କରିବା ପରେ ୪ଟା ୨୦ରେ ବାରିପଦା ଛଉ ପଡ଼ିଆରେ ଅବତରଣକରିବେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପରେ ସର୍କିଟ ହାଉସରେ ରାତ୍ରୀଯାପନ କରିବେ। ୧୨ତାରିଖ ସକାଳ ୮ଟା ୧୦ମିନିଟରେ ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକା ମନ୍ଦିର ପରିଦର୍ଶନ କରି ୯ଟା ୫ରେ ଏମ୍‌ଏସ କ୍ୟାମ୍ପ ଜିଲାପରିଷଦ କ୍ୟାମ୍ପସରେ ପହଞ୍ଚିବେ । ୯ଟା ୩୦ରେ ବାଙ୍ଗିରିପୋଷି ବ୍ଲକ କଳାବାଡିଆ ଫୁଟବଲ ପଡିଆ ଏବଂ ୧୦ଟା ୪୫ରେ ମୋରଡା ସ୍ଥିତ ଇଞ୍ଜିନିୟରିଂ କଲେଜ ପଡ଼ିଆରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରହିଛି। ୧୨ଟାରେ ବାହାରି ବାରିପଦା ଛଉ ପଡିଆରେ ମିଶନ ଶକ୍ତି ମହିଳାମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ୨ଟା ୩୦ରେ ବେତନଟୀ ବ୍ଲକ ଖୁଣ୍ଟାପୁର ଓ ୩ଟା ୪୫ରେ ଉଦଳା ହାଇସ୍କୁଲ ପଡିଆରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ ଚନ୍ଦନ


@ ପୂଜା


@ ସୋନୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମିଟର ରିଡରଙ୍କୁ ହତ୍ୟା ନେଇ ପ୍ରତିବାଦ



ଭଦ୍ରକ ଟାଟାପାୱାର ଅଫିସ୍ ଆଗରେ ମିଟର ରିଡର ଓ ବିଲ୍ କଲେକ୍ଟର ସଂଘର ପ୍ରତିବାଦ ସଭା।

ଭଦ୍ରକ, ୮।୮(ସନାତନ ରାଉତ/ ରବିନାରାୟଣ ଖିଲାର)

ଗଞ୍ଜାମ ଜିଲା ଭଞ୍ଜନଗର ଡିଭିଜନର କୁପାଟି ଗ୍ରାମରେ ବିଦ୍ୟୁତ୍ ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କୁ ହତ୍ୟା ଘଟଣାକୁ ମିଟର ରିଡର/ବିଲ୍ କଲେକ୍ଟର ସଂଘ ପକ୍ଷରୁ ନିନ୍ଦା ସହ ପ୍ରତିବାଦ କରାଯାଇଛି। ଭଦ୍ରକ ଟାଟାପାୱାର ଅଫିସ୍ ଆଗରେ ମଙ୍ଗଳବାର ସଂଘ ପକ୍ଷରୁ ପ୍ରତିବାଦ କରିବା ସହ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମିଟର ରିଡର ଓ ବିଲ୍ କଲେକ୍ଟରମାନେ ମିଟର ରିଡିଂ ଓ ବିଲ୍ କଲେକ୍ସନ ସମୟରେ ଉପଭୋକ୍ତାମାନଙ୍କଠାରୁ ଗାଳିଗୁଲଜ ସହ ଜୁଲମ୍‌ର ଶିକାର ହେଉଛନ୍ତି। ବିଭିନ୍ନ ସମୟରେ ଗଣ୍ଡଗୋଳର ମଧ୍ୟ ସାମ୍ନା କରିବାକୁ ପଡୁଛି। ଏପରି ଘଟଣାର ପୁନରାବୃତ୍ତି ନ ହେବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରତିବାଦ ସଭାରେ ରଣଜିତ୍ କୁମାର ପତି, ଅକ୍ଷୟ କୁମାର ପତି, ଶେଖ୍ ଅବଦୁଲ୍ ସଲିମ୍, ପ୍ରତାପ କୁମାର ସେଠୀ, ଆଶିଷ ପଡ଼ିଆରୀ, ଅରବିନ୍ଦ ଦାସ, ସରୋଜ ଦଳେଇ, ବ୍ରଜକୁମାର ନାଥ ପ୍ରମୁଖଙ୍କ ସମେତ ମିଟର ରିଡର ଓ ବିଲ୍ କଲେକ୍ଟରମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଭଦ୍ରକ ପାୱାର ହାଉସ୍‌ଠାରୁ ଟାଉନହଲ୍ ପର୍ଯ୍ୟନ୍ତ ଭଦ୍ରକ ମିଟର ରିଡର ସଂଘର ସଭ୍ୟମାନେ ଅମର ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ରଞ୍ଜିତ କୁମାର ପତି, ପ୍ରଦୀପ କୁମାର ମହାଳିକ, ଗୌତମ ବାରିକ, ସୁମନ ବଲ୍ଲଭ ମହାପାତ୍ର, ରାଜେନ୍ଦ୍ର ସେଠୀ ପ୍ରମୁଖ ଏଥିରେ ସାମିଲ ଥିଲେ।

# ବାଲିଆପାଳ, ସିଂଲା ଥାନାର ନବନିର୍ମିତ ଗୃହ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୮।୮

ଦୀର୍ଘଦିନର ପ୍ରତୀକ୍ଷା ପରେ ମଙ୍ଗଳବାର ବାଲିଆପାଳ ଥାନାର ନବନିର୍ମିତ ଗୃହ ଉଦ୍‌ଘାଟିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟରେ ଡିଜିପି ସୁନୀଲ କୁମାର ବଂଶଲ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଉପସ୍ଥିତ ହୋଇ ବାଲିଆପାଳ ଥାନା ନବନିର୍ମିତ ଗୃହକୁ ଉଦ୍‌ଘାଟନ କରିଥିଲେ।

ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ଡିଜିପି ବଂଶଲ ତାଙ୍କ ବକ୍ତବ୍ୟରେ ଜନସାଧାରଣ ପୋଲିସକୁ ସହଯୋଗ କରିବା ସହିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ସବୁବେଳେ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଅନ୍ତି ବୋଲି କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ପୂର୍ବାଞ୍ଚଳ ପୋଲିସ ନିର୍ଦ୍ଦେଶକ ହିମାଂଶୁ କୁମାର ଲାଲ ଅତିଥି ଭାବରେ ଯୋଗଦେଇଥିଲେ। ବସ୍ତା ଏସ୍‌ଡିପିଓ ମାନସ ଦେଓ, ବାଲିଆପାଳ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସିଂଲା ଥାନାଧିକାରୀ ଶିବ ପ୍ରସାଦ ଭଦ୍ରା, ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକର ସରପଞ୍ଚ, ସମିତିସଭ୍ୟ ତଥା ବହୁ ନିର୍ବାଚନ ଜନପ୍ରତିନିଧି ଓ ଜନସାଧାରଣ ଯୋଗଦେଇଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ପିଇଓ

ବାଙ୍ଗିରିପୋଷି,୮।୮(ସଞ୍ଜୟ ଅଗ୍ରୱାଲ)

ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ରାଜ୍ୟସଂଘର ଆହ୍ୱାନକ୍ରମେ ସ୍ଥିରିକୃତ ନିଷ୍ପତ୍ତିମୁତାବକ କଳାବ୍ୟାଜ୍‌ପିନ୍ଧିକାର୍ଯ୍ୟରେ ଯୋଗ ଦେଇଛନ୍ତି ବାଙ୍ଗିରିପୋଷି ବ୍ଲକ ଅଧୀନ ୧୯ଟି ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ। ଚଳିତମାସ ୧୭ ତାରିଖ ସୁଦ୍ଧା ସରକାର ସେମାନଙ୍କ ସମସ୍ୟା ସମାଧାନ ନ କଲେ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ଅଶୋକ କୁମାର ମାହାନା, ରଜତ କୁମାର ଟିପିରିଆ, ଉତ୍ତମ କୁମାର ବେହେରା, ସୁବେନ୍ଦୁ ବେହେରା, ସୁମନ୍ତ କୁମାର ବେହେରା, ଶ୍ରୀକାନ୍ତ ଭୋଳ, କମଳାକାନ୍ତ ଦଳେଇ ପ୍ରମୁଖୁ ଚେତାବନୀ ଦେଇଛନ୍ତି।

# ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲେଶ୍ୱର(ମାନସ ବିଶ୍ୱାଳ)/ ବାହାନଗା(ଅରୂପ ଦାସ), ୮।୮

ଗତ ୨ ଦିନ ପୂର୍ବରୁ ସହଦେବଖୁଣ୍ଟା ମଡ଼େଲ ଥାନା ଅରଡ଼ବଜାରସ୍ଥିତ ସୁମି ମସ୍‌ଜିଦ ସମ୍ମୁଖ ରାସ୍ତାରୁ ୨୪୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିବା ବେଳେ ମଙ୍ଗଳବାର ସକାଳେ ବାହାନଗା ନିକଟରୁ ଜଣଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଜିଲା ଦେଇଯାଇଥିବା ୧୬ ନଂ. ଜାତୀୟ ରାଜପଥର ବାହାନଗା ଓଭରବ୍ରିଜ୍ ଉପରୁ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ସୋର ଥାନା ଆଙ୍ଗପୁର ଗ୍ରାମର ଚକ୍ରଧର ପଣ୍ଡାଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୧୧୦ ଗ୍ରାମ୍ ଓଜନର ବ୍ରାଉନସୁଗାର ସହ ଗୋଟିଏ ବୁଲେଟ୍ ଜବତ କରାଯାଇଛି। ଜିଲା ଅବକାରୀ ଥାନାରେ ମାମଲା (ନଂ. ୧୩୬/୨୩-୨୪) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଜଣକ ସୋର ଓ ବାହାନଗା ଅଞ୍ଚଳରେ ବ୍ରାଉନସୁଗାର ଯୋଗାଇ ଆସୁଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଏବଂ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା।

# ଭାତହାଣ୍ଡି ଟେକିନେଲା ଗୋଠଛଡ଼ା ଦନ୍ତା

ତେଲକୋଇ,୮।୮(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇ ରେଞ୍ଜରେ ଥମୁନି ଗୋଠଛଡ଼ା ଦନ୍ତାର ଉପଦ୍ରବ। ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଘରଭାଙ୍ଗି ଧାନଚାଉଳ ଖାଇବା ସହ ଭାତହାଣ୍ଡିକୁ ଟାର୍ଗେଟ କରୁଛି। ସୋମବାର ବିଳମ୍ବିତ ରାତିରେ ଏହି ଦନ୍ତା ବିମଳା ଫରେଷ୍ଟବିଟ ବିଟ୍ ବନବିହାରୀପୁର ଗାଁ ମୁଣ୍ଡାସାହିର ଶତ୍ରୁ ମୁଣ୍ଡାଙ୍କ ଘରଭାଙ୍ଗି ତାଙ୍କ ଭାତହାଣ୍ଡିକୁ ଟେକି ନେଇଥିଲା। ଭୟରେ ପରିବାର ଲୋକେ ଘରୁ ବାହାରି ନ ଥିଲେ। ନିକଟରେ ଜଗିଥିବା ବନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇ ଥିଲେ। ଉକ୍ତ ଗାଁ ନିକଟ ଜଙ୍ଗଲରେ ଦନ୍ତା ଡେରା ପକାଇ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି।

# ବାଉଁଶ ଭାରାରୁ ଖସି ରାଜମିସ୍ତ୍ରି ମୃତ

ରାଇରଙ୍ଗପୁର,୮।୮(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଚିଙ୍ଗୁଡ଼ି ପୋଖରୀ ଗ୍ରାମରେ ବାଉଁଶ ଭାରାରୁ ଖସିପଡ଼ି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଅନ୍ତ କିସ୍କୁ (୪୫)। ମଙ୍ଗଳବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର କାନ୍ଥ ପ୍ଲାଷ୍ଟର କରୁଥିବା ବେଳେ ସେ ବାଉଁଶ ଭାରାରୁ ଖସି ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ‘୧୦ ସୁଦ୍ଧା ବନ୍ୟା କ୍ଷତି ରିପୋର୍ଟ ଦିଅ’

ଜିଲାପାଳଙ୍କ ଧାମନଗର ଗସ୍ତ

ଧାମନଗର, ୮।୮(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଙ୍ଗଳବାର ୫-ଟି ଅନ୍ତର୍ଭୁକ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ଏଥିସହ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବନ୍ୟା କ୍ଷତିଗ୍ରସ୍ତ ସମ୍ପର୍କିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟରେ ଯେପରି କୌଣସି ବ୍ୟତିକ୍ରମ ନ ହୁଏ, ସେନେଇ ଠିକାଦାରଙ୍କୁ ତାଗିଦା କରିଥିଲେ। ଏହି ସମୟରେ ବିଡିଓ ବନବିହାରୀ ଦିଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ମନ୍ମୟ ସାମନ୍ତସିଂହାର, ଜିତେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ବନ୍ୟା କ୍ଷୟକ୍ଷତିର ସମସ୍ତ ରିପୋର୍ଟ ଆସନ୍ତା ୧୦ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ୩୧ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି, ବନ୍ୟାରେ ଭାଙ୍ଗି ଯାଇଥିବା ବାସଗୃହ ଓ ଚାଷଜମି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇ ତୁରନ୍ତ ରିପୋର୍ଟ ଦେବାକୁ କହିଥିଲେ। ବୈଠକରେ ତହସିଲଦାର ସ୍ନିଗ୍ଧାରାଣି ଦେବୀ, ବିଡିଓ ଦିଣ୍ଡା, ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ଚିଠି ସଂଖ୍ୟା ୨୫୪୨/୨୩ ଅନୁଯାୟୀ ଆସନ୍ତା୧୦ ତାରିଖ ସୁଦ୍ଧା ଆର୍‌ଆଇ, ସୁପରଭାଇଜର ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହାୟତାରେ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ଦେବାକୁ କୁହାଯାଇଛି।



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତହସିଲ କାର୍ଯ୍ୟାଳୟରୁ ଫେରୁଛନ୍ତି।

# ପଞ୍ଚାୟତ, ୫-ଟି ବିଦ୍ୟାଳୟରେ ଇଣ୍ଟରନେଟ ସେବା ତଦାରଖ

ଯୋଡ଼ା,୮।୮(ମାନସ ମହାନ୍ତି)

ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ଜିଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଭ୍ୟାଲେଣ୍ଟିନା ପୋଥାଲ ଓ ମୋ ସେବା କେନ୍ଦ୍ର ଜିଲା ମ୍ୟାନେଜର ହିମାଂଶୁ ଶେଖର ସେଠୀ ପ୍ରମୁଖ ମଙ୍ଗଳବାର କେନ୍ଦୁଝର ଜିଲା ଯୋଡା ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସହ ବିଦ୍ୟାଳୟ ଗୁଡ଼ିକୁ ପରିଦର୍ଶନ କରିଥିଲେ। ଯୋଡା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୋ ସେବା କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ମୋ ସେବା କେନ୍ଦ୍ର , ବ୍ଲକ କାର୍ଯ୍ୟାଳୟରେ ଥିବା ଭିସି ହଲ, ୫-ଟି ଅନ୍ତର୍ଗତ ରୂପାନ୍ତରୀତ ବିଦ୍ୟାଳୟ ଗୁଡିକର ସ୍ମାର୍ଟ କ୍ଲାସ ରୁମ, ଇଣ୍ଟରନେଟ ସଂଯୋଗ ସହ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଥିବା ଆଧାର କେନ୍ଦ୍ରର ସମୀକ୍ଷା କରିଥିଲେ। କଣ୍ଡରା ପଞ୍ଚାୟତରେ ଥିବା ମୋ ସେବା କେନ୍ଦ୍ର, ବିରିକଳା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ମୋ ସେବା କେନ୍ଦ୍ର ଏବଂ ୫-ଟି ରୂପାନ୍ତରିତ ବିଲେଇପଦା ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ମୁଖ ନାଏକ, ନାଏବ-ସରପଞ୍ଚ କୁନ୍ତଳା ଖିଲାର୍, ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, ପଞ୍ଚାୟତଅଧିକାରୀ ନରହରି ନାୟକ, ବିଦ୍ୟାଳୟର ଶିକ୍ଷକ, ରଞ୍ଜିତ ନାଏକ, ବିଷ୍ଣୁ ଖିଲାର୍ ପ୍ରମୁଖ ଉପସ୍ଥିତ ରହି ବିଲେଇପଦା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନରୁ ଖାଲି ପଡ଼ିଥିବା ଶିକ୍ଷକ ପଦବୀକୁ ପୂରଣ କରିବା ପାଇଁ ଉପଦେଷ୍ଟାଙ୍କ ନିକଟରେ ଦାବି ଜଣାଇଥିଲେ। ପରେ ଯୋଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପଦେଷ୍ଟା ପଟ୍ଟନାୟକ ପହଞ୍ଚି ବିଡିଓ ଜଗନ୍ନାଥ ହନୁମାନ ଓ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ସହ ଆଲୋଚନା କରି ଯୋଡ଼ା ବ୍ଲକର ସମସ୍ତ ପଞ୍ଚାୟତକୁ କିପରି ମୋ ସେବା କେନ୍ଦ୍ର ଗୁଡିକ ସ୍ଥାନାନ୍ତରିତ ହେବ ଏ ନେଇ ଆଲୋଚନା କରିଥିଲେ। ୫-ଟି ରୂପାନ୍ତରିତ ପଶ୍ଚିମଯୋଡା ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ ବୁଲିଥିଲେ।



ପଶ୍ଚିମଯୋଡ଼ା ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟରେ ଆଇଟି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଓ ଅନ୍ୟମାନେ।

